## ତହସିଲ କାର୍ଯ୍ୟାଳୟ, ମୋହନା(ଗଜପତି)

ପତ୍ର ସଂଖ୍ୟା· ୭୦୬ ତା·୨୮/୦୨/୨୦୧୯ ରିଖ

**ସଇରାତ ଉତ୍ସ ଦୀର୍ଘମିଆଦି ଲିଜ ନିମନ୍ତେ ଇସ୍ତାହାର**

ଏତ ଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ସଂପ୍ରତି ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ-୨୦୧୬ ପ୍ରକାଶ ପରିପ୍ରେକ୍ଷୀରେ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନ ମୋହନା ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ସଇରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡିକର ୨୦୧୯-୨୦ ଠାରୁ ୨୦୨୩-୨୦୨୪ ବର୍ଷ ପର୍ଯ୍ୟନ୍ତ ଦୀର୍ଘ ମିଆଦି ଲିଜ୍ ସୂତ୍ରରେ ଦିଆଯିବା ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ ପ୍ରକାରେ ଫର୍ମ-(M) ପୂରଣ କରି (୩) ନକଲ ସହ ନିମ୍ନ ଲିଖିତ ଆବଶ୍ୟକ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ ତହସିଲଦାର ମୋହନାଙ୍କ କାର୍ଯ୍ୟାଳୟରେ ଥିବା Drop Boxରେ ଆସନ୍ତା ତା- ୦୨/୦୩/୨୦୧୯ ରିଖ ଠାରୁ ତା-୨୬/୦୩/୨୦୧୯ ରିଖ, (ଛୁଟି ଦିନ ବ୍ୟତୀତ) ଅପରାହ୍ନ ୫ଘଣ୍ଟିକା ସମୟ ମଧ୍ୟରେ ପକାଇ ପାରିବେ । ନିର୍ଦ୍ଧାରିତ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଲଫାପା ଉପରେ ସଇରାତ ଉତ୍ସର ନାମ ଓ ସଇରାତ କେସ ସଂଖ୍ୟା ଲେଖାଥିବା ଆବଶ୍ୟକ । ତା-୨୭/୦୩/୨୦୧୯ ରିଖ ପୂର୍ବାହ୍ନ ୧୧ଘଣ୍ଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ତନଖି କରାଯିବ । ଅସମ୍ପୂର୍ଣ୍ଣଦରଖାସ୍ତ ଗୁଡିକ ଖାରଜ କରାଯିବ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ କିମ୍ବା ରଦ୍ଦ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, ଗଜପତିଙ୍କ ରହିଅଛି ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଆବଶ୍ୟକୀୟ ଦସ୍ତାବିଜ**

୧· ଦରଖାସ୍ତ ପାଉଣା ବାବଦକୁ ଟ· ୧୦୦୦/-ଙ୍କର ଟ୍ରେଜେରୀ ଚ୍ଲାଣ (ଅଣଫେରସ୍ତ 0853 Nonferrous mining & Metallurgical Industries – 102, mineral Concession fees, Rents & Royalties

୨· ସଂପୃକ୍ତ ଲଘୁ ଖଣିଜ ଉତ୍ସ ଜମିର ବିଷଦ ବିବରଣୀ ସହ ସ୍କେଚ୍ ମ୍ୟାପ Land Schedule Sketch Map

୩· ନିର୍ଦ୍ଧାରିତ ବଇନା ଧନEarnest Money ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ନିୟମାବଳୀ-୨୦୧୬ ପ୍ରକାରେ ରୟାଲଟି ଓ ଅତିରିକ୍ତ ଦେୟର ୫% ପେଠ ସମ୍ବନ୍ଧେ ପ୍ରମାଣ ପତ୍ର In shape of Demand Draft of SBI, Mohana

୪· ସଇରାତ ଉତ୍ସ ବାବଦ କୌଣସି ଅର୍ଥ ବକେୟା ନ ଥିବା ସମ୍ବନ୍ଧେ ସତ୍ୟ ପାଠ ।

୫· ଏକ ବର୍ଷର ଅଗ୍ରିମ ରୟାଲଟି ଦେୟ ସହ ସମାନ ବା ତତ୍ତୋଧିକ ମୂଲ୍ୟର Solvency Certificate କିମ୍ବା ୧୮ ମାସ ବୈଧ ଥିବାBank Guarantee ଏବଂ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସ୍ଥାବର ସମ୍ପତ୍ତି ପ୍ରମାଣ ପତ୍ର ।

୬· ସରକାରଙ୍କ ଦ୍ୱାରା ଧାର୍ଯ୍ୟ ରୟାଲଟି ମୂଲ୍ୟ ଏବଂ ସର୍ବ ନିମ୍ନ ଅତିରିକ୍ତ ଦେୟ ତୁଳନାରେ କେତେ ସର୍ବୋଚ୍ଚ ମୂଲ୍ୟର ଅତିରିକ୍ତ ଦେୟ ଦେବାକୁ ଚାହୁଁଛନ୍ତି ତାହା ଉଲ୍ଲେଖ କରିବେ ।

**ବିଶେଷ ସର୍ତ୍ତାବଳୀ**

୧· ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ନିୟମାବଳୀ-୨୦୧୬ OMMC Rules-2016 ଏବଂManual of Tahasil Accunts ର ପରିସର ଭୁକ୍ତ ରହିବେ ।

୨· ପ୍ରସ୍ତାବିତ ନିୟମାନୁଯାୟୀ ସର୍ବୋଚ୍ଚ ଓ ସଫଳ ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ଏକାଧିକ ନିଲାମଧାରୀ ସମାନ ମୂଲ୍ୟ ପ୍ରଦାନ କରନ୍ତି ତାହେଲେ ଲଟେରି ମାଧ୍ୟମରେ ଲିଜ ଧାରୀ ଚୟନ କରାଯିବ ।

୩· ଲିଜ୍ ଦରଖାସ୍ତକାରୀ ନିଜର ସହମତି ସହ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ ଅମାନତ ଅର୍ଥ ନିଲାମ ଚୁଡାନ୍ତ ଦିବସର ୧୫ଦିନ ମଧ୍ୟରେ D.D କିମ୍ବା ନଗଦ ଟଙ୍କା ଆକାରରେ ତହସିଲଦାର, ମୋହନାଙ୍କ ନିକଟରେ ଦାଖଲ କରିବେ ।

୪· ଯଦି ନିଲାମଧାରୀ ନିର୍ଦ୍ଧାରିତ ସମୟରେ Mining plan ଓ ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ କାଗଜାତ ଦାଖଲ କରିନପାରନ୍ତି ତେବେ ଉକ୍ତ ଅର୍ଥକୁ ବ୍ୟାଜ୍ୟାପ୍ତ କରାଯିବ ।

ଆବଶ୍ୟକ ସ୍ଥଳେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଆଦେଶ କ୍ରମେ Mining plan ଓ ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ ଖର୍ଚ୍ଚ ସଂପୃକ୍ତ ନିଲାମଧାରୀ Leaseholder ବହନ କରିବେ ।

୫· ଏକ ବର୍ଷରେ ଉତ୍ତୋଳନ କରାଯାଉଥିବା ସର୍ବ ନିମ୍ନ ଲଘୁଖଣିଜ ଦ୍ରବ୍ୟ ପରିମାଣର Minimum Guaranted Quantity ତଥା ସରକାରଙ୍କ ଦ୍ୱାରା ଧାର୍ଯ୍ୟ ରୟାଲଟି ଓ ଲିଜ ଧାରୀଙ୍କ ଦ୍ୱାରା ପ୍ରଦତ୍ତ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟକୁ ଗୁଣନ କରି ଉକ୍ତ ଅର୍ଥକୁ Approved Mining plan ଏବଂ Environmental Clearance ଆଣି ସାରିବା ପରେ ଚୁକ୍ତି ପତ୍ର ସମ୍ପାଦନ ପୂର୍ବରୁ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରେ ପୈଠ କରିବେ । ସଂପୃକ୍ତ ରାଶି ପୈଠ ହେଲାପରେ ଭାରତୀୟ ରେଜିଷ୍ଟ୍ରେସନ୍ ଆକ୍ଟ -୧୯୦୮ ଏବଂ ଓଡିଶା ଷ୍ଟାମ୍ପ ଆକ୍ଟ- ୧୮୯୯ ଅନୁଯାୟୀ ଚୁକ୍ତି ପତ୍ର ସମ୍ପାଦନ କରିବେ ।

୬· ଯଦି ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟ ସୀମା ମଧ୍ୟରେ ନିଜର ସହମତି ସହ ଅମାନତ ରାଶି ଦାଖଲ କରିବାରେ ଖିଲାପ କରନ୍ତି, ନିୟମାନୁଯାୟୀ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

୭· ଯଦି ଦରଖାସ୍ତକାରୀ ଅତିରିକ୍ତ ଦେୟ ମୂଲ୍ୟ ଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

୮· ନିଲାମଧାରୀ ମାନେ OMMC Ruels-2016 ର ସମସ୍ତ ସର୍ତ୍ତାବଳୀ ମାନିବାକୁ ବାଧ୍ୟ ।

୯· ଲିଜଧାରୀ ଜମା ରୟାଲଟି ୨% ଅର୍ଥ ଆୟକର TDS ବାବଦକୁ ଚାଲାଣ ଆକାରରେ ଜମା କରିବେ ।

୧୦·ଦରଖାସ୍ତକାରୀ Mines Act- 1952 ଏବଂ Explosive Act-1984ର ସମସ୍ତ ନିୟମବଳୀର ଅନ୍ତର୍ଭୁକ୍ତ ରହିବେ ।

୧୧· ସମ୍ବାଦ ପତ୍ରରେ ବିଜ୍ଞାପନ ପ୍ରକାଶ ପାଇଁ ସମସ୍ତ ଖର୍ଚ୍ଚ ସର୍ବୋଚ୍ଚ ନିଲାମଧାରୀ ବହନ କରିବେ ।

୧୨· ଓଡିଶା ଖଣିଜ ପ୍ରତିଷ୍ଠାନ ପାଣ୍ଠିନିୟମ- ୨୦୧୫ ଅନୁଯାୟୀ ନିଲାମଧାରୀ ଜିଲ୍ଲା ଖଣିଜ ପ୍ରତିଷ୍ଠାନର ଅଂଶ ପ୍ରଦାନ କରିବେ ।

ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ୍ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ http://gajapati.nic.in ରେ ମଧ୍ୟ ଉପଲବ୍ଧ ହେବ । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା ସମ୍ପୂର୍ଣ୍ଣ କର୍ତ୍ତୃପକ୍ଷଙ୍କର ରହିଛି ।

ନିଲାମର ସ୍ଥାନ ଓ ଧାର୍ଯ୍ୟ ତାରିଖ-ତହସିଲ କାର୍ଯ୍ୟାଳୟ ମୋହନା ତା- ୨୭/୦୩/୨୦୧୯ ରିଖ ପୂର୍ବାହ୍ନ ୧୧ ଘଣ୍ଟିକା ସମୟ । ନିଲାମ ତାରିଖ ଦିନ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧି ଅନୁପସ୍ଥିତ ରହିଲେ ତାଙ୍କର କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

**<u>ସଇରାତ ଉତ୍ସ ଲଘୁ ଖଣିଜ ଦ୍ରବ୍ୟ ଗୁଡିକର ବିବରଣୀ</u>**

| କ୍ର·ନଂ | ସଇରାତ ଉତ୍ସ କେସନଂ | ସଇରାତ ଉତ୍ସର ନାମ | ରାଜସ୍ୱ ମୌଜାର ନାମ | ଖାତାନଂ | ପ୍ଲଟ ନଂ | ସଇରାତ ଉତ୍ସର ରକବା (ହେକ୍ଟର) | ଧାର୍ଯ୍ୟ ରୟାଲଟି ମୂଲ୍ୟ | ସର୍ବନିମ୍ନ ଅତିରିକ୍ତ ଦେୟ | ବାର୍ଷିକ ସର୍ବନିମ୍ନ ଉତ୍ତୋଳନ (CUM) |
|---|---|---|---|---|---|---|---|---|---|
| ୧ | ୪/୨୦୧୮-୧୯ | ବାଲିଖାଦାନ | କରଡାପଙ୍କାଲ | ୦୭ | ୬୫ | ୬.୦୮୦ | ଟ.୩୫/- | ଟ.୧୨/- | ୨୧୦୦ |
| ୨ | ୩/୨୦୧୮-୧୯ | ବାଲିଖାଦାନ | ମୋହନା | ୩୧୫ | ୧୮୯<br>୧୫୫ | ୦.୮୦୦<br>୨.୦୦୦<br>୨.୮୦୦ | ଟ.୩୫/- | ଟ.୧୨/- | ୨୦୦୦ |
| ୩ | ୧/୨୦୧୮-୧୯ | ବାଲିଖାଦାନ | ଗୃପଟାପଙ୍କା | ୧୮ | ୨ | ୩.୯୮୫ | ଟ.୩୫/- | ଟ.୧୨/- | ୨୦୦୦ |
| ୪ | ୧୪/୨୦୧୮-୧୯ | ବାଲିଖାଦାନ | କର୍ଜବାଡି | ୯୮ | ୧୮୨ | ୬.୬୨୫ | ଟ.୩୫/- | ଟ.୧୫/- | ୩୦୦୦ |
| ୫ | ୧୭/୨୦୧୮-୧୯ | ବାଲିଖାଦାନ | ଖସଡା | ୨୬ | ୨୬୩<br>୨୩୧ | ୧.୨୦୦<br>୨.୦୦୦<br>୩.୨୦୦ | ଟ.୩୫/- | ଟ.୧୦/- | ୨୧୦୦ |

ସ୍ୱା-

ତହସିଲଦାର,ମୋହନା